# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20th June - 2026

********************************

*Desk*

## ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରୁ ୪୭ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏଥିରେ ୨୫ ହଜାର କୋଟି ଟଙ୍କାର କୋଇଲା ଗ୍ୟାସିଫିକେସନ ପ୍ରକଳ୍ପ, ୧୭ ହଜାର ୧୧୭ କୋଟି ଟଙ୍କାର ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମିର ଶିଳାନ୍ୟାସ, ୮୧୧ କୋଟି ଟଙ୍କାର ରାସ୍ତା ଓ ସେତୁ ଆଦିର ଲୋକାର୍ପଣ ହେବ । ପ୍ରଧାନମନ୍ତ୍ରୀ ଆଜି ପୂର୍ବାହ୍ନରେ ରାଇରଙ୍ଗପୁରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ପାହାଡ଼ପୁର ଗ୍ରାମ ପରିଦର୍ଶନ କରି ପବିତ୍ର ସାନ୍ତାଳୀ ଜାହେରା ଏବଂ ହୋ-ଜାହେରା, ଦକ୍ଷତା କେନ୍ଦ୍ର ଓ ପାହାଡ଼ପୁର ସ୍କୁଲ୍‌ରେ ପ୍ରାର୍ଥନା କରିବେ । ଅପରାହ୍ଣରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

ରାଷ୍ଟ୍ରପତି ଗତକାଲି ଓଡ଼ିଶା ଗସ୍ତରେ ଆସି ରାଇରଙ୍ଗପୁରଠାରେ ସନ୍ଧ୍ୟାରେ ପହଞ୍ଚିବା ପରେ କୁସୁମୀ ବ୍ଲକ୍ ଖଣି ପ୍ରଭାବିତ ଗ୍ରାମଗୁଡ଼ିକପାଇଁ

ମେଗା ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ, ବ୍ରହ୍ମକୁମାରୀଙ୍କ ମାତୃଶକ୍ତି ଭବନ, ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଏବଂ ରାଇରଙ୍ଗପୁର ନୂତନ ପୁଲିସ୍ ଜିଲ୍ଲାକୁ ଉଦ୍‌ଘାଟନ କରିଥିଲେ ।

***Desk***

# ପି.ଏମ୍. - କିଷାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍-କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରିବେ। ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶର ୯ କୋଟି ୪୪ ଲକ୍ଷରୁ ଅଧିକ କୃଷକଙ୍କ ବ୍ୟାଙ୍କଖାତାକୁ ୧୮ ହଜାର ୮୮୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରିବେ। ୨୦୧୯ ମସିହାରୁ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା କୃଷକଙ୍କ ଜମାଖାତାକୁ ପ୍ରାୟ ସାଢ଼େ ଚାରିଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି।

***IPR***

# ଆପାର୍ଟମେଣ୍ଟ ପଞ୍ଜୀକରଣ

ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି । ନୂତନ ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ବିଭାଗପାଇଁ ଆବଶ୍ୟକ ଦଲିଲପତ୍ର, ଯାଞ୍ଚ୍

ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତ୍ତାବଳୀ ସ୍ପଷ୍ଟଭାବେ ନିର୍ଦ୍ଧାରିତ କରାଯାଇଛି । ଏଥିରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ, ବିଭିନ୍ନ ଉନ୍ନୟନମୂଳକ କର୍ତ୍ତୃପକ୍ଷ ଏବଂ ରାଜସ୍ୱ ଉପଖଣ୍ଡ ଅଞ୍ଚଳପାଇଁ ପୃଥକ୍ ପୃଥକ୍ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଭୂମିକା ସ୍ପଷ୍ଟ କରାଯାଇଛି ।

***Sambalpur, Nayagarh, Bhadrak/R***

## ଶୀତଳଷଷ୍ଠୀ

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଦେବ ଦେବ ମହାଦେବ ଏବଂ ଦେବୀ ପାର୍ବତୀ ଶ୍ରଦ୍ଧାଳୁମାନଙ୍କୁ ଯୁଗଳ ଦର୍ଶନ ଦେଇଛନ୍ତି । ଗତକାଲି ରାତିରେ ମଙ୍ଗଳ ଆଳତୀ ପରେ ନବଦମ୍ପତି ନଗର ପରିକ୍ରମାରେ ବାହାରିବା ପରେ ଆଜି ସନ୍ଧ୍ୟାରେ ମନ୍ଦିରରେ ପହଞ୍ଚିବା ପରେ ଏହା ଶେଷ ହେବ ।

ନୟାଗଡ଼ର ଶରଣକୂଳସ୍ଥିତ ଲଡୁବାବାଙ୍କ ପୀଠରେ ଦେବସଭା ପରେ ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ ହୋଇଛି ।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ଆଡମ୍ବର ସହକାରେ ଶୀତଳଷଷ୍ଠୀ ନୀତିକାନ୍ତି ଶେଷ ହୋଇଛି ।

***Kandhamal, Sonepeur, Nuapada/R***

# ବିକାଶଧାରା

ରାଜ୍ୟର ବିଭିନ୍ନ ସ୍ଥାନରେ 'ବିକାଶଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା' ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

ସୁବର୍ଣ୍ଣପୁର ଓ ନୂଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା ।

***Deogarh, Dhenkanal/R***

# ସଡ଼କ ସୁରକ୍ଷା କମିଟି ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାସ୍ତା ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ, ଟ୍ରାଫିକ୍ ନିୟନ୍ତ୍ରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା ।

ଢେଙ୍କାନାଳରେ ଅନୁଷ୍ଠିତ ବୈଠକରେ ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା ।

*Cuttack, Baragarh, Kendrapara, Khurda, Ganjam/R*

# ଶିଶୁଶ୍ରମିକ

ଶିଶୁଶ୍ରମିକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କଟକ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ଏକ ସଚେତନତା ସମ୍ମିଳନୀ ଆୟୋଜିତ ହୋଇଯାଇଛି ।

ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ଶିଶୁଶ୍ରମ ନିରାକରଣପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ଗୁରୁତ୍ୱାରୋପ କରିଛନ୍ତି ।

କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ଶିଶୁଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ ସହ କର୍ମଶାଳା ଆୟୋଜିତ ହୋଇଯାଇଛି ।

***Desk***

# ଶିକ୍ଷକ ଶିକ୍ଷା ନାମଲେଖା

ରାଜ୍ୟରେ ଏକୀକୃତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ପାଠ୍ୟକ୍ରମରେ ନାମଲେଖାପାଇଁ ଆଜିଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲ୍‌ରେ ଆବେଦନ ପ୍ରକ୍ରିୟା ଜାରି ରହିବ । ଏଥିଲାଗି ଆସନ୍ତା ୧୦ ତାରିଖରେ ପ୍ରଥମ ମେଧାତାଲିକା ପ୍ରକାଶ ପଇବ ।

*Desk*

# ବିଶ୍ୱ ଶରଣାର୍ଥୀ ଦିବସ

ଶରଣାର୍ଥୀମାନଙ୍କ ପ୍ରତି ସମବେଦନା ଓ ସମର୍ଥନ ଜଣାଇବା ଲକ୍ଷ୍ୟରେ ଆଜି ବିଶ୍ୱ ଶରଣାର୍ଥୀ ଦିବସ ପାଳନ କରାଯାଉଛି। ଶରଣାର୍ଥୀମାନଙ୍କ ସମସ୍ୟା ଏକ ବିଶ୍ୱସ୍ତରୀୟ ସମସ୍ୟା ହୋଇଥିବାରୁ ଏହାର ମୁକାବିଲା ପାଇଁ ବିଶ୍ୱବ୍ୟାପୀ ପ୍ରୟାସ ଚାଲିଛି। ଯୁଦ୍ଧ, ଦାରିଦ୍ର୍ୟ ଏବଂ ଅନ୍ୟ କାରଣଗୁଡ଼ିକରୁ ଶରଣାର୍ଥୀ ହୋଇଥିବା ଲୋକଙ୍କୁ ସେମାନଙ୍କର ଘରକୁ ଫେରାଇ ଆଣିବା ପାଇଁ ମିଳିତ ଜାତସଂଘ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

*Desk*

# ପାଣିପାଗ

ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଛି । ମୌସୁମୀର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଆଜି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ବୌଦ୍ଧଠାରେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

*****